ଭାରତ ସଂଘ ସରକାର

ବନାମ

ଶ୍ରୀ ଶିବକୁମାର ଭାର୍ଗବ ଏବଂ ଅନ୍ୟମାନେ

ଜାନୁଆରୀ 17, 1995

[କେ. ରାମସ୍ୱାମୀ ଏବଂ ସୁଜାତା ଭି. ମନୋହର, ନ୍ୟାୟମୂର୍ତ୍ତିଦ୍ୱୟ]

*ଜମି ଅଧିଗ୍ରହଣ ଅଧିନିୟମ, 1894 ଧାରା 4 (1) - ପ୍ରକାଶିତ ଅଧିସୂଚନା ତାରିଖ ସୁଦ୍ଧା ପକ୍ଷ ମାଲିକ ନୁହଁନ୍ତି - ସରକାରୀ ନୀତି ଅନୁଯାୟୀ ବିକଳ୍ପ ସ୍ଥାନ ପାଇବାକୁ ହକଦାର କି - ନିର୍ଣ୍ଣୟ ହେଲା, ଯେହେତୁ ଅଧିସୂଚନା ତାରିଖରେ ସେ ମାଲିକ ନଥିଲେ, ଏଥିପାଇଁ ସେ ଯୋଗ୍ୟ ନୁହନ୍ତି ।*

ଉତ୍ତରଦାତା ଉଚ୍ଚ ନ୍ୟାୟାଳୟରେ ଏକ ଆଜ୍ଞାଦେଶ ଆବେଦନ ଦାଖଲ କରି ବିକଳ୍ପ ସ୍ଥାନ ଦାବି କରିଥିଲେ ଏହି ଆଧାରରେ ଯେ ତାଙ୍କ ଜମି ସାର୍ବଜନୀନ ଉଦ୍ଦେଶ୍ୟରେ ଅଧିଗ୍ରହଣ କରାଯାଇଥିଲା ଏବଂ ସେଥିପାଇଁ  ସେ ସରକାରଙ୍କ ନୀତି ଅନୁଯାୟୀ ସୁବିଧା ପାଇବାକୁ ହକଦାର ଥିଲେ । ଏହି ମାମଲାର ଶୁଣାଣି କରିଥିବା ଏକକ ନ୍ୟାୟମୂର୍ତ୍ତି ଜାଣିବାକୁ ପାଇଲେ ଯେ ଯଦିଓ ଜମି ଅଧିଗ୍ରହଣ ଅଧିନିୟମର ଧାରା 4 (1) ଅନୁଯାୟୀ ଅଧିସୂଚନା ପ୍ରକାଶ ପାଇବା ତାରିଖରେ ଉତ୍ତରଦାତା ମାଲିକ ନଥିଲେ, କିନ୍ତୁ ଯେତେବେଳେ ଅଧିଗ୍ରହଣ ଚୂଡ଼ାନ୍ତ ହୋଇଥିଲା ସେହି ତାରିଖରେ ସେ କ୍ରୟ ଆଧାରରେ ମାଲିକ ହୋଇଥିଲେ ଏବଂ ତେଣୁ ବିକଳ୍ପ ସ୍ଥାନ ଆବଣ୍ଟନ ପାଇଁ ହକଦାର ଥିଲେ । ଭାରତ ସଂଘ ଦ୍ୱାରା ଦାୟର କରାଯାଇଥିବା ଆବେଦନକୁ ବିଳମ୍ବ ଆଧାରରେ ଦୁଇଜଣିଆ ନ୍ୟାୟମୂର୍ତ୍ତିଙ୍କ ଖଣ୍ଡପୀଠ ଦ୍ୱାରା ଖାରଜ କରାଯାଇଥିଲା । ସେଥିପାଇଁ ଏହି ଆବେଦନ ।

ଆବେଦନକୁ ଅନୁମତି ଦେଇ, ଏହି ନ୍ୟାୟାଳୟ

ନିର୍ଣ୍ଣୟ କଲେ:ସରକାରଙ୍କ ନୀତି ସୂଚିତ କରେ ଯେ ଯେଉଁ ବ୍ୟକ୍ତିଙ୍କର ଜମି ଅଧିଗ୍ରହଣ କରାଯାଇଥିଲା ଅର୍ଥାତ, ସେ ଅଧିଗ୍ରହଣ ପାଇଁ ବିଜ୍ଞପ୍ତି ଜାରି ହୋଇଥିବା ତାରିଖରେ ଥିବା ମାଲିକ କେବଳ ବିକଳ୍ପ ସ୍ଥାନ ଆବଣ୍ଟନ ପାଇଁ ହକଦାର ହେବେ । ଅଧିସୂଚନା ପରେ ଜମି କ୍ରୟ କରୁଥିବା ଜଣେ ବ୍ୟକ୍ତି ତାଙ୍କ ସପକ୍ଷରେ କରାଯାଇଥିବା ବିକ୍ରୟ, ଅର୍ଥାତ୍ ପୂର୍ବାଧିକାରୀଙ୍କ ଅଧିକାର, ମାଲିକାନା ଏବଂ ସ୍ୱାର୍ଥ ପାଇଁ କ୍ଷତିପୂରଣ ଦାବି କରିପାରିବେ, କିନ୍ତୁ ତାଙ୍କୁ ଆବଣ୍ଟନ ପାଇଁ ମାଲିକ ବୋଲି କୁହାଯାଇପାରିବ ନାହିଁ କାରଣ ଧାରା 4 (1) ଅନୁଯାୟୀ ଅଧିସୂଚନା ପ୍ରକାଶିତ ହେବା ତାରିଖ ପରିପ୍ରେକ୍ଷୀରେ ମାଲିକାନା ଅଧିକାର ନିର୍ଣ୍ଣୟ କରାଯିବ । ଏହି ପରିସ୍ଥିତିରେ, ରାଜପତ୍ରରେ ପ୍ରକାଶିତ ଜମି ଅଧିଗ୍ରହଣ ଅଧିନିୟମର ଧାରା 4 (1) ଅନୁଯାୟୀ ଅଧିସୂଚନା ତାରିଖ ଅନୁଯାୟୀ ଉତ୍ତରଦାତାଙ୍କୁ ମାଲିକ ଭାବରେ ବିବେଚନା କରାଯାଇପାରିବ ନାହିଁ । ସେହି ଅନୁଯାୟୀ ଏକକ ନ୍ୟାୟମୂର୍ତ୍ତିଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ନିର୍ଦ୍ଦେଶକୁ ରଦ୍ଦ କରାଗଲା ।

ଦେୱାନୀ ଆବେଦନ ଅଧିକାରିତା : ଦେୱାନୀ ଆବେଦନ ସଂଖ୍ୟା 1711/1993 ।

ଏଲ.ପି.ଏ. ସଂଖ୍ୟା 26/1985ରେ ଦିଲ୍ଲୀ ଉଚ୍ଚ ନ୍ୟାୟାଳୟର 21.1.85 ତାରିଖର ରାୟ ଏବଂ ଆଦେଶରୁ ।

ଆବେଦନକାରୀ ପାଇଁ ସି. ଭି. ସୁବ୍ବା ରାଓଙ୍କ ପାଇଁ ଏନ୍.ଏନ୍. ଗୋସ୍ୱାମୀ, ସୁଶ୍ରୀ ନିରଞ୍ଜନା ସିଂହ ।

ଉତ୍ତରଦାତା ସଂଖ୍ୟା 2 ପାଇଁ ସାହାରିଆ ଆଣ୍ଡ କୋ. ପାଇଁ ଭି.ବି. ସାହାରିଆ ।

ଉତ୍ତରଦାତାଙ୍କ ପାଇଁ ଏନ୍.ଏସ୍. ବିଷ୍ଟ ।

ନ୍ୟାୟାଳୟଙ୍କର ନିମ୍ନଲିଖିତ ଆଦେଶ ପ୍ରଦାନ କରାଯାଇଥିଲା :

ତମାଦି କାରଣରୁ ଆବେଦନକୁ ପ୍ରାରମ୍ଭରୁ ଖାରଜ କରି ଏଲ.ପି.ଏ. ସଂଖ୍ୟା 26/1985ରେ ଦିଆଯାଇଥିବା ଦିଲ୍ଲୀ ଉଚ୍ଚ ନ୍ୟାୟାଳୟର 21.2.1985 ତାରିଖର ରାୟରୁ ବିଶେଷ ଅନୁମତି ଦ୍ୱାରା ଏହି ଆବେଦନ ଉତ୍ପନ୍ନ ହୋଇଛି ।

ତାଙ୍କ ଜମି ସାର୍ବଜନୀନ ଉଦ୍ଦେଶ୍ୟରେ ଅଧିଗ୍ରହଣ କରାଯାଇଛି ଏବଂ ତେଣୁ ସେ ସରକାରଙ୍କ ନୀତି ଅନୁଯାୟୀ ସୁବିଧା ପାଇବାକୁ ହକଦାର ବୋଲି ଆଧାରରେ ବିକଳ୍ପ ସ୍ଥାନ ଦାବି କରି ଉତ୍ତରଦାତା ଆଜ୍ଞାଦେଶ ଆବେଦନ ଦାୟର କରିଥିଲେ ଯାହା ମାନ୍ୟବର ଏକକ ନ୍ୟାୟମୂର୍ତ୍ତିଙ୍କ ସମ୍ମୁଖକୁ ଆସିଥିଲା । ଆବେଦନକାରୀ ଏହି ଅଧିକାରକୁ ପ୍ରତ୍ୟାଖ୍ୟାନ କରିଛନ୍ତି । ଏକକ ନ୍ୟାୟମୂର୍ତ୍ତି ଜାଣିବାକୁ ପାଇଲେ ଯେ ଯଦିଓ ଜମି ଅଧିଗ୍ରହଣ ଅଧିନିୟମର ଧାରା 4 (1) ଅନୁଯାୟୀ ଅଧିସୂଚନା ପ୍ରକାଶିତ ହେବା ତାରିଖରେ ଉତ୍ତରଦାତା ମାଲିକ ନଥିଲେ, କିନ୍ତୁ ଯେତେବେଳେ ଅଧିଗ୍ରହଣ ଚୂଡ଼ାନ୍ତ ହୋଇଥିଲା ସେହି ତାରିଖରେ ସେ କ୍ରୟ ଆଧାରରେ ମାଲିକ ହୋଇଥିଲେ ଏବଂ ତେଣୁ ସେ ବିକଳ୍ପ ସ୍ଥାନ ଆବଣ୍ଟନ ପାଇଁ ହକଦାର ଥିଲେ । ବିଳମ୍ବ କାରଣରୁ ଦୁଇଜଣିଆ ନ୍ୟାୟମୂର୍ତ୍ତିଙ୍କ ଖଣ୍ଡପୀଠ ଆବେଦନକୁ ଖାରଜ କରିଦେଇଥିଲେ । ଏହି ନ୍ୟାୟାଳୟ ବିଳମ୍ବକୁ କ୍ଷମା କରିଛନ୍ତି ଏବଂ ଆବେଦନକୁ ଗ୍ରହଣ କରିଛନ୍ତି ।

ବିଚାର ପାଇଁ ପ୍ରଶ୍ନ ହେଉଛି ଉତ୍ତରଦାତା ବିକଳ୍ପ ସ୍ଥାନ ପାଇଁ ହକଦାର କି । ଏହି ଅଧିନିୟମର ଧାରା 4 (1) ଅନୁଯାୟୀ ଅଧିସୂଚନା 29 ଜୁନ୍, 1966 ରେ ପ୍ରକାଶିତ ହୋଇଥିଲା । ଏସ୍.ଏଲ୍.ପି. ରେ ଏହା ନିର୍ଦ୍ଦିଷ୍ଟ ଭାବେ କୁହାଯାଇଥିଲା ଯେ ଅଧିସୂଚନା ତାରିଖ ସୁଦ୍ଧା ସେ ମାଲିକ ବୋଲି ଦର୍ଶାଇବା ପାଇଁ ନଥି ଉପସ୍ଥାପନ କରିବାକୁ 1.12.1981 ଏବଂ 8.3.1982 ରେ ଉତ୍ତରଦାତାଙ୍କୁ ସୁଯୋଗ ଦେବା ସତ୍ତ୍ୱେ ସେ ନଥି ଉପସ୍ଥାପନ କରିନଥିଲେ । ଉତ୍ତରଦାତାଙ୍କ ଦ୍ୱାରା ଦାୟର ହୋଇଥିବା ପ୍ରତି ସତ୍ୟପାଠର ଅନୁଚ୍ଛେଦ 5ରେ ତଥା ପ୍ରଦତ୍ତ କାରଣ ଗୁଡିକରେ କୁହାଯାଇଥିଲା ଯେ "କେତେବେଳେ ଉତ୍ତରଦାତା ଅଧିସୂଚିତ ଜମି କିଣିଥିଲେ କି ନାହିଁ ତାହା

ଅପ୍ରାସଙ୍ଗିକ । ପ୍ରାସଙ୍ଗିକ ପ୍ରଶ୍ନ ହେଉଛି ଯେ ଯେତେବେଳେ ଅଧିଗ୍ରହଣ ଚୂଡ଼ାନ୍ତ ହୋଇଥିଲା, ସେ ଜମିର ମାଲିକ ଥିଲେ ଏବଂ ତେଣୁ ସେ ବିଚାର କ୍ଷେତ୍ର ମଧ୍ୟରେ ଥିଲେ । ଏହା ଠିକ୍ ନୁହେଁ ଯେ ଉତ୍ତରଦାତା ବିକଳ୍ପ ସ୍ଥାନ ପାଇବାକୁ ହକଦାର ନଥିଲେ ।" ଏସ.ଏଲ.ପି. ରେ ଆବେଦନକାରୀଙ୍କ ଦ୍ୱାରା କରାଯାଇଥିବା ଅଭିଯୋଗ ସମ୍ବନ୍ଧରେ ଉତ୍ତରଦାତାଙ୍କ ଦ୍ୱାରା ପ୍ରତି ଶପଥ ପତ୍ରରେ ଉଠାଯାଇଥିବା ଏହି ଅଭିଯୋଗ ଏବଂ ବିବାଦକୁ ଦୃଷ୍ଟିରେ ରଖି, ଏହା ସ୍ପଷ୍ଟ ଯେ ଅଧିନିୟମର ଧାରା 4 (1) ଅନୁଯାୟୀ ପ୍ରକାଶିତ ଅଧିସୂଚନା ତାରିଖ ଅନୁଯାୟୀ, ଅର୍ଥାତ୍ ଜୁନ୍ 29, 1966 ରେ, ଉତ୍ତରଦାତା ଜମିର ମାଲିକ ନଥିଲେ ।

ସରକାରଙ୍କ ନୀତି ସୂଚିତ କରେ ଯେ ଯେଉଁ ବ୍ୟକ୍ତିଙ୍କର ଜମି ଅଧିଗ୍ରହଣ କରାଯାଇଥିଲା, ତାହାର ଅର୍ଥ ହେଉଛି ସେହି ତାରିଖ ସୁଦ୍ଧା ମାଲିକ, ଯେଉଁ ତାରିଖରେ ଅଧିଗ୍ରହଣ ପାଇଁ ଅଧିସୂଚନା ଜାରି କରାଯାଇଥିଲା, ଏବଂ କେବଳ ସେ ହିଁ ବିକଳ୍ପ ସ୍ଥାନ ଆବଣ୍ଟନ ପାଇଁ ହକଦାର ହେବେ । ଅଧିସୂଚନା ପରେ ଜମି କ୍ରୟ କରୁଥିବା ଜଣେ ବ୍ୟକ୍ତି ତାଙ୍କ ସପକ୍ଷରେ କରାଯାଇଥିବା ବିକ୍ରୟ, ଅର୍ଥାତ୍ ପୂର୍ବାଧିକାରୀଙ୍କ ଅଧିକାର, ମାଲିକାନା ଏବଂ ସ୍ୱାର୍ଥ ପାଇଁ କ୍ଷତିପୂରଣ ଦାବି କରିପାରିବେ, କିନ୍ତୁ ତାଙ୍କୁ ଆବଣ୍ଟନ ପାଇଁ ମାଲିକ ବୋଲି କୁହାଯାଇପାରିବ ନାହିଁ କାରଣ ଧାରା 4 (1) ଅନୁଯାୟୀ ଅଧିସୂଚନା ପ୍ରକାଶିତ ହେବା ତାରିଖ ପରିପ୍ରେକ୍ଷୀରେ ମାଲିକାନା ଅଧିକାର ନିର୍ଣ୍ଣୟ କରାଯିବ । ଦିଲ୍ଲୀ ଉଚ୍ଚ ନ୍ୟାୟାଳୟର ପୂର୍ଣ୍ଣ ବିଚାରପୀଠ ରାୟ ଉପରେ ବିଚାର କରିବା ସମୟରେ ଅନ୍ୟ ଏକ ମାମଲାରେ ଏହି ନ୍ୟାୟାଳୟର ମତ ଏହା ଥିଲା । ଏହି ପରିସ୍ଥିତିରେ, ଆବେଦନକୁ ଅନୁମତି ଦିଆଯାଇଛି । ରାଜପତ୍ରରେ ପ୍ରକାଶିତ ଧାରା 4 (1) ଅନୁଯାୟୀ ଅଧିସୂଚନା ତାରିଖ ଅନୁଯାୟୀ ଉତ୍ତରଦାତାଙ୍କୁ ମାଲିକ ଭାବରେ ବିବେଚନା କରାଯାଇପାରିବ ନାହିଁ । ମାନ୍ୟବର ଏକକ ନ୍ୟାୟମୂର୍ତ୍ତିଙ୍କ ଦ୍ୱାରା ଦିଆଯାଇଥିବା ନିର୍ଦ୍ଦେଶ ସେହି ଅନୁଯାୟୀ ରଦ୍ଦ କରାଯାଇଛି । ଆଜ୍ଞାଦେଶ ଆବେଦନ ଖାରଜ ହୋଇଛି । କୌଣସି ଖର୍ଚ୍ଚ ନାହିଁ ।

ଜି.ଏନ୍. ଆବେଦନକୁ ଅନୁମତି ଦିଆଗଲା ।

**ଅସ୍ୱୀକରଣ**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

***ଭାଷାନ୍ତର:***
ସୁବୋଧ ରାଉତ,
ଉପବିଭାଗ ଅଧିକାରୀ (ଅନୁବାଦ),
ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ ।